# NATIONAL NEWS BULLETIN (ODIA)

**6 September - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଭାରତୀୟ ଯୁବଗୋଷ୍ଠୀଙ୍କୁ ବିଶ୍ୱର ବିଭିନ୍ନ କ୍ଷେତ୍ରରେ ଅଗ୍ରଣୀ ନେତୃତ୍ୱ ନେବା ଲାଗି ଆହ୍ୱାନ ଦେଲେ ପ୍ରଧାନମନ୍ତ୍ରୀ

- ନେପାଳ ବନ୍ୟାରେ ମୃତ୍ୟୁସଂଖ୍ୟା ୧ ହଜାର ୩୪୪କୁ ବୃଦ୍ଧି

– ୪୯୦ ଜଣ ବିଦେଶୀ ନାଗରିକଙ୍କ ସମେତ ୫ ହଜାର ଲୋକ ନିଖୋଜ ଥିବା ସୂଚନା, ଏପର୍ଯ୍ୟନ୍ତ ଉଦ୍ଧାର ହେଲେଣି ୧୩ ହଜାର ୧୦୦ରୁ ଅଧିକ ଲୋକ

- ରୁଷ ଏବଂ ୟୁକ୍ରେନ୍ ମଧ୍ୟରେ ଶାନ୍ତି ସ୍ଥାପନ ପ୍ରକ୍ରିୟାର ଅଂଶ ସ୍ୱରୂପ ଆଜି କିଭ୍ ଗସ୍ତ କରିବେ ଆମେରିକୀୟ ରାଷ୍ଟ୍ରଦୂତ

- ମଧ୍ୟପ୍ରଦେଶର ସାଗର ଜିଲ୍ଲାରେ ବିଷାକ୍ତ ମଦ୍ୟପାନ ଯୋଗୁଁ ୯ ଜଣ ମୃତ, ୧୨ରୁ ଅଧିକ ଗୁରୁତର

ଏବଂ

- ଚାଇନା ମାଷ୍ଟର୍ସ ବ୍ୟାଡମିଣ୍ଟନ ପ୍ରତିଯୋଗିତାର ଫାଇନାଲ୍‌ରେ ଚୀନ୍ ଯୋଡ଼ିଙ୍କ ସହ ମୁକାବିଲା କରୁଛନ୍ତି ଭାରତୀୟ ଯୋଡ଼ି ସାତ୍ତ୍ୱିକ ଓ ଚିରାଗ

# ପିଏମ୍-ଏସଆରସିସି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଯଦି ଭାରତୀୟମାନେ ବିଶ୍ୱର ଶ୍ରେଷ୍ଠ କମ୍ପାନୀଗୁଡ଼ିକର ଦାୟିତ୍ୱ ନିର୍ବାହ କରିପାରିବେ, ଭାରତୀୟ ଉଦ୍ୟୋଗଗୁଡ଼ିକ ମଧ୍ୟ ବିଶ୍ୱରେ ପ୍ରମୁଖ ଭୂମିକା ଗ୍ରହଣ କରିପାରିବ । ଗତକାଲି ନୂଆଦିଲ୍ଲୀର ଶ୍ରୀରାମ କଲେଜ ଅଫ୍ କମର୍ସର ଶତାବ୍ଦୀ ସମାରୋହରେ ଯୋଗଦେଇ ଶ୍ରୀ ମୋଦୀ ଭାରତୀୟମାନଙ୍କୁ ବିଶ୍ୱରେ ଅଗ୍ରଣୀ ନେତୃତ୍ୱ ନେବା ପାଇଁ ଆହ୍ୱାନ ଦେଇଛନ୍ତି । ଏକବିଂଶ ଶତାବ୍ଦୀର ଯୁବପିଢ଼ିକୁ ପ୍ରଯୁକ୍ତିବିଦ୍ୟା ସମ୍ବଳିତ ବିଭିନ୍ନ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରି ୟୁନିକର୍ଣ୍ଣ ନିର୍ମାଣ, ଡ୍ରୋନ୍ ପ୍ରଯୁକ୍ତିବିଦ୍ୟାର ବିକାଶ ଏବଂ କୃତ୍ରିମ ବୁଦ୍ଧିମତ୍ତା ସଂପନ୍ନ ସମାଧାନ ଦିଗରେ ଅଗ୍ରସର ହେବା ଲାଗି କହିଛନ୍ତି । ଶ୍ରୀ ମୋଦୀ ଦେଶର ଯୁବପିଢ଼ିଙ୍କୁ ବୃହତ ସ୍ୱପ୍ନ ଦେଖିବା ଲାଗି ଆହ୍ୱାନ ଦେବା ଅବସରରେ ବିଭିନ୍ନ ବିଶ୍ୱସ୍ତରୀୟ ଉଦ୍ୟୋଗଗୁଡ଼ିକର ନେତୃତ୍ୱ ନେବା କ୍ଷେତ୍ରରେ ସେମାନଙ୍କର ଭୂମିକାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଛନ୍ତି ।

**V/O(PM-India Global)**

ପ୍ରଧାନମନ୍ତ୍ରୀ କହିଛନ୍ତି, ବିଶ୍ୱ ଅନିଶ୍ଚିତା ମଧ୍ୟରେ ଭାରତର ଜି.ଡି.ପି. ୭ ଦଶମିକ ୮ ପ୍ରତିଶତ ବୃଦ୍ଧି ଦେଶର ଆର୍ଥିକ ଦୃଢ଼ତା ପ୍ରଦର୍ଶନ କରୁଛି । ଶ୍ରୀ ମୋଦି କହିଛନ୍ତି, ଭାରତ ନୀତିଗତ ସକ୍ରିୟତା ଯୋଗୁଁ ଦୀର୍ଘକାଳୀନ ଆର୍ଥିକ ବିକାଶ ଦର ବଜାୟ ରଖିବାରେ ସଫଳ ହୋଇଛି ।

***Voice (PM - GDP)*** :.........

ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶରେ ଗତ ଅପ୍ରେଲ୍‌ରୁ ଜୁନ୍ ମାସ ମଧ୍ୟରେ ବିଦ୍ୟୁତ୍ ଉତ୍ପାଦନ ୯ ପ୍ରତିଶତ ବୃଦ୍ଧି ପାଇଛି । ସେହି ସମୟ ମଧ୍ୟରେ ଯାନବାହନ ବିକ୍ରି ପରିମାଣ ୨୦ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ତିନିଚକିଆ ଯାନ ବିକ୍ରି ୩୦ ପ୍ରତିଶତ ବୃଦ୍ଧି ଘଟିଛି । ଷ୍ଟିଲ୍ ଏବଂ ସିମେଣ୍ଟ୍ କ୍ଷେତ୍ରରେ ମଧ୍ୟ ୮ ପ୍ରତିଶତ ବିକ୍ରି ବୃଦ୍ଧି ପାଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି । ସ୍ମାର୍ଟ ଫୋନ୍ ରପ୍ତାନୀ ଅଢ଼େଇ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଥିବାବେଳେ ଘରୋଇ ପ୍ରତିରକ୍ଷା ଉତ୍ପାଦନ ୨ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

# ନେପାଳ ଫ୍ଲଡ୍‌ସ

ନେପାଳ ବନ୍ୟାରେ ମୃତ୍ୟୁସଂଖ୍ୟା ୧ ହଜାର ୩୪୪କୁ ବୃଦ୍ଧି ପାଇଛି । ଏଥିରେ ୫୯୦ ଜଣ ବିଦେଶୀ ନାଗରିକଙ୍କ ସମେତ ୫ ହଜାର ଲୋକ ନିଖୋଜ ଥିବା ସୂଚନା ମିଳିଛି । ଏପର୍ଯ୍ୟନ୍ତ ନେପାଳ ସମେତ ବିଭିନ୍ନ ଦେଶର ଉଦ୍ଧାରକାରୀ ଦଳଗୁଡ଼ିକ ୧୩ ହଜାର ୧୦୦ରୁ ଅଧିକ ଲୋକଙ୍କୁ ଉଦ୍ଧାର କରିଛନ୍ତି । ନୂଆକୋଟ ଜିଲ୍ଲାରେ ଜଣେ ୬୦ ବର୍ଷିୟା ମହିଳାଙ୍କୁ ୧୦ ଦିନ ପରେ କାଦୁଅ ମଧ୍ୟରୁ ଜୀବିତ ଉଦ୍ଧାର କରାଯାଇଛି । ତେବେ ମୃତକମାନଙ୍କୁ ଚିହ୍ନଟ କରିବା କ୍ଷେତ୍ରରେ ଅସୁବିଧା ସୃଷ୍ଟି ହେଉଛି । ପୋଲିସ ପକ୍ଷରୁ ୨୨୨ ଜଣ ମହିଳା,୩୫୫ ଜଣ ପୁରୁଷ ଏବଂ ୪୫୩ ଜଣ ଅଜ୍ଞାତ ମୃତଦେହଗୁଡ଼ିକୁ ଚିହ୍ନଟ କରିବା ଲାଗି ଆବଶ୍ୟକ ତଥ୍ୟ ସଂଗ୍ରହ କରାଯାଇଛି । ଇତିମଧ୍ୟରେ ନେପାଳ ପୋଲିସ୍ ପକ୍ଷରୁ ୧ ହଜାର ୨୭୦ ଅଜ୍ଞାତ ମୃତଦେହ ବିଷୟରେ ସବିଶେଷ ତଥ୍ୟ ୱେବ୍‌ସାଇଟ୍‌ରେ ପ୍ରକାଶ କରାଯାଇଛି । ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲାଗି ୭ ହଜାର ୯୧୨ ଜଣ ପୋଲିସ୍ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି । ଗତ ଅଗଷ୍ଟ ୨୬ ତାରିଖରେ ନେପାଳ-ତିବ୍ବତ ସୀମାବର୍ତ୍ତୀ ଅଞ୍ଚଳରେ ଏକ ବୃହତ

ଆକାରର ବରଫ ଖଣ୍ଡ ଭାଙ୍ଗିପଡ଼ିବାରୁ ସେଠାରେ ଭୟଙ୍କର ବନ୍ୟା ସୃଷ୍ଟି ହେବା ସହ ବିଭିନ୍ନ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଥିଲା ।

## ଏମ୍‌ପି-ଶ୍ଯୋରିୟସ୍

ମଧ୍ୟପ୍ରଦେଶର ସାଗର ଜିଲ୍ଲାରେ ବିଷାକ୍ତ ମଦ୍ୟପାନ କରି ୯ ଜଣଙ୍କ ମୃତ୍ୟୁ ଘଟିଛି ।୧୨ ଜଣରୁ ଅଧିକ ଲୋକଙ୍କୁ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସା କରାଯାଉଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ, ସାଗର ଜିଲ୍ଲା ଅନ୍ତର୍ଗତ ବଣ୍ଡା ତହସିଲ ଅଞ୍ଚଳରେ ଏହି ଘଟଣା ଘଟିଛି । ମୃତକମାନେ ବରାଜ ଗ୍ରାମର ଅଧିବାସୀ ବୋଲି ଜଣାପଡ଼ିଛି । ପୋଲିସ୍ ଏବଂ ପ୍ରଶାସନ ଘଟଣାସ୍ଥଳରେ ପହଞ୍ଚିଛନ୍ତି । ତେବେ ବିଷାକ୍ତ ମଦ କେଉଁଠୁ ଆସିଲା ଓ କେଉଁଠାରେ ପ୍ରସ୍ତୁତ ହେଉଥିଲା, ସେ ନେଇ ସ୍ଥାନୀୟ ପୋଲିସ୍ ତଦନ୍ତ ଆରମ୍ଭ କରିଛି ।

## ୟୁ.ଏସ୍.-ରୁଷ୍-ୟୁକ୍ରେନ୍

ରୁଷ୍ ଏବଂ ୟୁକ୍ରେନ୍ ମଧ୍ୟରେ ଶାନ୍ତି ସ୍ଥାପନ ପ୍ରକ୍ରିୟାର ଅଂଶସ୍ୱରୂପ ଆଜି ଆମେରିକୀୟ ରାଷ୍ଟ୍ରଦୂତ କିଭ୍ ଅଞ୍ଚଳ ଗସ୍ତ କରିବେ । ଗତକାଲି ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ୍' ଆମେରିକା ରାଷ୍ଟ୍ରଦୂତ ଷ୍ଟିଭ୍ ୱିଟ୍‌କଫ୍ ଏବଂ ଜାରେଡ୍ କୁଶ୍‌ନର୍‌ଙ୍କ ସହ  କ୍ରେମ୍‌ଲିନ୍‌ରେ ପ୍ରାୟ ୩ ଘଣ୍ଟାରୁ ଅଧିକ ସମୟ ଧରି ଆଲୋଚନା କରିଥିଲେ ।  ଇତିମଧ୍ୟରେ ରୁଷ୍ ରାଷ୍ଟ୍ରପତି ଆସନ୍ତା ୩ ଦିନ ପର୍ଯ୍ୟନ୍ତ କିଭ୍ ଉପରେ ଆକ୍ରମଣ ନ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି ।

## ଇରାନ ଆକ୍ସିଡେଣ୍ଟ୍

ଇରାନର ପଶ୍ଚିମାଞ୍ଚଳରେ ଏକ ତୈଳ ଟ୍ୟାଙ୍କର ବିସ୍ଫୋରଣ ଘଟି ୧୧ ଜଣଙ୍କର ମୃତ୍ୟୁ ଘଟିଛି । ବିସ୍ଫୋରଣରେ ୭ରୁ ଅଧିକ ଲୋକ ଆହତ

ହୋଇଛନ୍ତି । ସୂଚନା ଅନୁଯାୟୀ ଏକ ତୈଳ ବୋଝେଇ ଟ୍ୟାଙ୍କର୍‌ରେ ଅଗ୍ନିକାଣ୍ଡ ସୃଷ୍ଟି ହେବା ପରେ ବିସ୍ଫୋରଣ ଘଟିଥିଲା । ସେହି ସମୟରେ ସଂପୃକ୍ତ ଟ୍ୟାଙ୍କରଟି ଟ୍ରାଫିକ ପୋଷ୍ଟ ନିକଟବର୍ତ୍ତୀ  ଅନେକଗୁଡ଼ିଏ କାର୍ ସହ ଧକ୍କା ଖାଇଥିଲା । ପ୍ରାଥମିକ ଆକଳନ ଅନୁଯାୟୀ, ସେହି ତୈଳ ଟ୍ୟାଙ୍କରଟିର ବ୍ରେକିଂରେ ତ୍ରୁଟି ପରିଲକ୍ଷିତ ହୋଇଥିବା ଜଣାପଡ଼ିଛି ।

## ୟୁପି ଫ୍ଲଡ୍

କ୍ରମାଗତ ବର୍ଷା ଏବଂ ବ୍ୟାରେଜ ଗୁଡ଼ିକରୁ ଜଳ ନିଷ୍କାସନ ପରେ ଉତ୍ତରପ୍ରଦେଶର ୨୪ଟି ଜିଲ୍ଲା ବନ୍ୟା ପ୍ରଭାବିତ ହୋଇଛି । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ବନ୍ୟା ସ୍ଥିତି ଏବଂ ଉଦ୍ଧାର କାର୍ଯ୍ୟର ସମୀକ୍ଷା କରିବା ଲାଗି ଚିତ୍ରକୂଟ ଜିଲ୍ଲାରେ ପହଞ୍ଚିଛନ୍ତି । ସୂଚନା ଅନୁଯାୟୀ, ଉତ୍ତରପ୍ରଦେଶର ଅନେକ ନଦୀରେ ଜଳସ୍ତର ବୃଦ୍ଧି ପାଇଛି । ବାଲିଆ, ଗାଜିପୁର, ବଦାଓଁ ଏବଂ ଫାରୁକାବାଦରେ ଗଙ୍ଗାନଦୀ ବିପଦ ସଂକେତ ଉପରେ ପ୍ରବାହିତ ହେଉଥିବା ବେଳେ ଲକ୍ଷ୍ମୀପୁର ଖେରି ଏବଂ ବାରବାଙ୍କୀ ଅଞ୍ଚଳରେ ସାରଦା ନଦୀ ବିପଦ ସଂକେତ ଉପରେ ପ୍ରବାହିତ ହେଉଛି । ଘାଗରା ନଦୀ ମଧ୍ୟ ଅଯୋଧ୍ୟା ଓ ତୁର୍ତୀପାର୍‌ରେ ବିପଦ ସଂକେତ ଉପରେ ପ୍ରବାହିତ ହେଉଛି । ଯମୁନା ନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଗତକାଲି ବନ୍ୟା ପ୍ଲାବିତ ଅଞ୍ଚଳଗୁଡ଼ିକୁ ଆକାଶମାର୍ଗରୁ ନିରୀକ୍ଷଣ କରିଥିଲେ । ବନ୍ୟା ପ୍ଲାବିତ ଅଞ୍ଚଳଗୁଡ଼ିକରେ ରିଲିଫ୍ ଓ ଉଦ୍ଧାରକାର୍ଯ୍ୟ ଜାରି ରହିଛି । ଆସନ୍ତା ୪ ଦିନ ପର୍ଯ୍ୟନ୍ତ ସେଠାକାର ବିଭିନ୍ନ ଅଞ୍ଚଳରେ ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି ।

# ଚୀନ୍‌-ଲ୍ୟାଣ୍ଡସ୍ଲାଇଡ୍‌

ଚୀନ୍‌ର ଜିଆଙ୍ଗ ସି ଅଞ୍ଚଳର ଜିଆନ୍‌ ସହରରେ ଭୂସ୍ଖଳନ ଯୋଗୁଁ ୨ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୦ ଜଣ ନିଖୋଜ ଅଛନ୍ତି । ଟାଇଫୋନ୍‌ ସାଉଡେଲ୍‌ ଯୋଗୁଁ କ୍ରମାଗତ ବର୍ଷା ହେବା ଫଳରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି । ଉଦ୍ଧାରକାରୀମାନେ  ଜଣେ ନିଖୋଜ ବ୍ୟକ୍ତିଙ୍କ ମୃତଦେହ ମାଟିତଳୁ ଉଦ୍ଧାର କରିଛନ୍ତି । ଅନ୍ୟ ୨ ଜଣ ଉଦ୍ଧାର କରାଯାଇଥିବା ବ୍ୟକ୍ତିଙ୍କ ଅବସ୍ଥା ସ୍ଥିର ରହିଛି । ଉଦ୍ଧାର କାର୍ଯ୍ୟରେ ଡ୍ରୋନ୍‌, ଲାଇଭ୍‌ ଡିଟେକ୍ଟର, ସନ୍ଧାନି କୁକୁର ସମେତ ୬୪୦ରୁ ଅଧିକ ଉଦ୍ଧାରକାରୀ ଦଳ ନିୟୋଜିତ ହୋଇଛନ୍ତି । ୩୯ ଜଣ ଗ୍ରାମବାସୀଙ୍କୁ ସ୍ଥାନାନ୍ତର କରାଯାଇଛି । ନିକଟବର୍ତ୍ତୀ ଅଞ୍ଚଳଗୁଡ଼ିକରୁ ୫ ହଜାର ୩୦୦ରୁ ଅଧିକ ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି ।

---

# ୱେଦର

ଭାରତୀୟ ପାଣିପାଗ ବିଭାଗ ବିହାର ସମେତ ଦେଶର ୯ଟି ରାଜ୍ୟରେ ପ୍ରବଳ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କରିଛି । ସେହିପରି ଦେଶର ଅନେକ ଭାଗରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ଥିବା ବିଭାଗ ସୂଚନା ଦେଇଛି ।

ଓଡ଼ିଶାର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି । କେନ୍ଦୁଝର, ମୟୂରଭଞ୍ଜ ଏବଂ ବାଲେଶ୍ୱର ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି ।

---

# ଇଜିପ୍ଟ ଡେଥ୍ ସେଣ୍ଟନ୍ସ

ଇଜିପ୍ଟରେ ଟେଲିଭିଜନ ଉପସ୍ଥାପକ ସାରା ଖଲିଫା ଏବଂ ଅନ୍ୟ ୧୧ ଜଣଙ୍କୁ ଅବୈଧ ନିଶା କାରବାର ନେଇ ମୃତ୍ୟୁ ଦଣ୍ଡାଦେଶ ଦିଆଯାଇଛି । ସେଠାକାର ଏକ କୋର୍ଟ ସେମାନଙ୍କୁ ଅପରାଧି ଗୋଷ୍ଠୀ ଚଳାଇବା ଏବଂ ପ୍ରତିବନ୍ଧିତ ନିଶା ଔଷଧ ପ୍ରସ୍ତୁତି ଓ ବିକ୍ରି କରିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରିଛନ୍ତି । ଟେଲିଭିଜନ ଉପସ୍ଥାପକ ଖଲିଫା 'ମିଶନ୍ ଇମ୍ପସିବଲ୍' ନାମକ ଟିଭି ସିରିଏଲ୍‌ର ସଞ୍ଚାଳକ ଭାବେ କାର୍ଯ୍ୟ କରୁଥିଲେ ।  ନିଶା କାରବାର ନେଇ ସେ ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି । ଇଜିପ୍ଟର ନିୟମ ଅନୁଯାୟୀ ସେଠାକାର ଧାର୍ମିକ ଗୋଷ୍ଠୀଙ୍କଠାରୁ ସମ୍ମତି ମିଳିବା ପରେ ମୃତ୍ୟୁଦଣ୍ଡାଦେଶ କାର୍ଯ୍ୟକାରୀ ହୋଇଥାଏ ।

ସୂଚନାଯୋଗ୍ୟ ତଦନ୍ତ ସମୟରେ ୨୦ ଜଣ ସାକ୍ଷୀଙ୍କଠାରୁ ବିଭିନ୍ନ ତଥ୍ୟ ହାସଲ କରିବା ସହ ଇଲେକ୍‌ଟ୍ରୋନିକ୍ ଦସ୍ତାବିଜ୍ ମଧ୍ୟ ହାସଲ କରାଯାଇଛି । ଅନ୍ୟପକ୍ଷରେ ୭୫୦ କିଲୋଗ୍ରାମ୍‌ରୁ ଅଧିକ ପ୍ରତିବନ୍ଧିତ ନିଶାଦ୍ରବ୍ୟ ଏବଂ ସେଥିରେ ବ୍ୟବହାର ହୋଇଥିବା କଞ୍ଚାମାଲ୍ ଜବତ ହୋଇଥିବା କୁହାଯାଇଛି । ଇଜିପ୍ଟରେ କାର୍ଯ୍ୟରତ ମାନବାଧିକାର ସଂଗଠନଗୁଡ଼ିକ ଏତେ ସଂଖ୍ୟକ ଲୋକଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦେବା ନେଇ ଚିନ୍ତାବ୍ୟକ୍ତ କରିଛନ୍ତି ।

---

# ବ୍ୟାଡମିଣ୍ଟନ

ଭାରତର ବ୍ୟାଡମିଣ୍ଟନ ଯୋଡ଼ି ସାତ୍ୱିକ ସାଇରାଜ୍ ରାଙ୍କି ରେଡ୍ଡି ଓ ଚିରାଗ ସେଟ୍ଟି ତୃତୀୟଥର ପାଇଁ ଚାଇନା ମାଷ୍ଟର୍ସ ଫାଇନାଲ୍‌କୁ ଉନ୍ନୀତ

ହୋଇଛନ୍ତି । ବିଶ୍ୱର ଏହି ୫ ନମ୍ବର ମାନ୍ୟତାପ୍ରାପ୍ତ ଯୋଡ଼ି ସେମିଫାଇନାଲ୍‌ରେ ମାଲେସିଆର ନୁର୍ ମହମ୍ମଦ ଅଜରିୟାନ୍ ଆୟୁବ୍ ଏବଂ ତାନ୍ ୱି କ୍ୟୋଙ୍ଗ୍‌ଙ୍କୁ ୨୧-୧୫, ୧୮-୨୧, ୨୧-୧୧ ସେଟ୍‌ରେ ପରାସ୍ତ କରିଛନ୍ତି । ଫାଇନାଲ୍‌ରେ କିଛି ସମୟ ପୂର୍ବରୁ ଭାରତୀୟ ଯୋଡ଼ି' ଚୀନ୍‌ର ହେ ଜି ତିଙ୍ଗ୍ ଏବଂ ରେନ୍ ଜିଆଙ୍ଗ ୟୁ ଯୋଡ଼ିଙ୍କ ମଧ୍ୟରେ ମୁକାବିଲା ଆରମ୍ଭ ହୋଇଛି ।

---